# ODIA

---

***Maximum Marks: 80***

***Time Allowed: Three hours***

*(Candidates are allowed **additional 15 minutes** for **only** reading the paper.*

*They must **NOT** start writing during this time).*

---

*Answer **Questions 1, 2 and 3 in Section A** and **four** questions from **Section B** on **any three** out of the four prescribed textbooks.*

*The intended marks for questions or parts of questions are given in brackets [ ].*

---

## SECTION A

## LANGUAGE - 40 MARKS

**Question 1** **[15]**

**Write a composition in approximately 400 words in Odia on any *one* of the topics given below.**

ନିମ୍ନଲିଖିତ ବିଷୟ ମଧ୍ୟରୁ ଯେ କୌଣସି ଗୋଟିକ ବିଷୟରେ ଏକ ରଚନା ଓଡ଼ିଆରେ ପ୍ରାୟ 400 ଶବ୍ଦରେ ଲେଖ I

(i) ପୃଥିବୀ ପୃଷ୍ଠରେ ଘଟୁଥିବା ଗୋଟିଏ କିମ୍ବା ଦୁଇଟି ପ୍ରାକୃତିକ ବିପର୍ଯ୍ୟୟ ବିଷୟରେ ଲେଖ I

(ii) ଏକ ରେଳ ଷ୍ଟେସନର ଦୃଶ୍ୟ ବର୍ଣ୍ଣନା କର I

(iii) ନଦୀ କୂଳରେ ବଣଭୋଜି କରିବା ପାଇଁ ତୁମେ କଣ ସବୁ ଆୟୋଜନ କରିବ ବର୍ଣ୍ଣନା କର I

(iv) ମହାମାରୀ କରୋନା ପିଲାମାନଙ୍କୁ ଘରେ ରହି ଶିକ୍ଷା ଲାଭ କରିବାର ସୁଯୋଗ ଦେଇଛି - ଏହା ସପକ୍ଷରେ ବା ବିପକ୍ଷରେ ତୁମର ମତାମତ ପ୍ରଦାନ କର I

(v) ଯୁବଶକ୍ତିର ସୁବିନିଯୋଗ ଉପରେ ତୁମର ମତାମତ ଉଲ୍ଲେଖ କର I

(vi) କୌଣସି ଗୋଟିଏ ବିଷୟରେ , ଏକ ମୌଳିକ କ୍ଷୁଦ୍ର ଗଳ୍ପ , ତୁମ ନିଜ ଭାଷାରେ ଲେଖ I

(a) ତୁମର ଭାଙ୍ଗି ଯାଇଥିବା ଏକ ସ୍ୱପ୍ନ

(b) ଏ ଘର ମାଉସୀ ସେ ଘର ପିଉସୀ

**Question 2**

**Read the passage given below carefully and answer the questions that follow, using your own words in Odia:**

ନିମ୍ନୋକ୍ତ ଗଦ୍ୟାଂଶଟି ପଢି ନିମ୍ନଲିଖିତ ପ୍ରଶ୍ନମାନଙ୍କର ଉତ୍ତର ଓଡ଼ିଆରେ ଲେଖ :-

ଉତ୍ତମ ଶିକ୍ଷା ଜୀବନକୁ ସଂଯତ ଓ ସୁଶୃଙ୍ଖଳ କରେ । ମାନବ ତାର ଶୈଶବରୁ ବିଭିନ୍ନ ବିଷୟରେ ଶିକ୍ଷାଲାଭ ପାଇଁ ଉତ୍ସାହ ପାଇଁଥାଏ । ଉପଯୁକ୍ତ ଶିକ୍ଷା ତାକୁ ଏକ ସୁନ୍ଦର ମଣିଷ ହେବାର ସାହାଯ୍ୟ କରେ । ଶିକ୍ଷା ମାଧ୍ୟମରେ ସେ ତାଙ୍କ ପୂର୍ବପୁରୁଷ ମାନଙ୍କର ବିବିଧ ଅନୁଭୂତି ସହ ନିଜର ଅନୁଭୂତିକୁ ତୁଳନାକରି ପ୍ରକୃଷ୍ଟ ଜ୍ଞାନ ଅର୍ଜନ କରେ । ଶିକ୍ଷା ଦ୍ୱାରା ବହୁ ଲୁକାୟିତ ଉନ୍ମେଷ ପ୍ରତିଭାର ବିକାଶ ସାଧିତ ହୁଏ । ଅନ୍ୟାନ୍ୟ ଶିକ୍ଷା ମଧ୍ୟରେ ନୈତିକ ଶିକ୍ଷା ମାନବ ଜୀବନ ପାଇଁ ଅପରିହାର୍ଯ୍ୟ । ନୈତିକ ଶିକ୍ଷା ଜୀବନ ମାର୍ଜିତ କରେ। ଏହା ବିନା ମାନବୀୟ ଗୁଣ ସମୂହର ବିକାଶ ସାଧନ ଅସମ୍ଭବ ।

ନୈତିକ ଶିକ୍ଷା ସାଧାରଣତଃ ନୀତି ବା ନୈତିକତା ଉପରେ ପର୍ଯ୍ୟବେସିତ । ଏ ନୀତିସ୍ୱାନୁମୋଦିତ । ସତ ଓ ଅସତ ମଧ୍ୟରେ ଦ୍ୱନ୍ଦ୍ୱ ଉପୁଜିଲେ ସତର ବିଜୟ ସୁନିଶ୍ଚିତ । ଯାହା ସତ ସତ ତାହା ନୈତିକ ଶିକ୍ଷା ଅନ୍ତର୍ଭୁକ୍ତ । ସତ୍ୟ , ଶିବ ଓ ସୁନ୍ଦର ଉପାସକ ହେବାକୁ ଏ ଶିକ୍ଷା ପ୍ରେରଣା ପ୍ରଦାନ କରେ । ଅନୀତି ଓ ଦୁର୍ନୀତି ଠାରୁ ଦୂରରେ ରହିବାକୁ ଏହା ସତର୍କ କରାଇଦିଏ ।

ସୁଗୁଣାବଳୀ ଅର୍ଜନ କରି ସତ ପଥରେ ଗତି କରିବାକୁ ଏହା ସର୍ବଦା ସଦୁପଦେଶ ଦିଏ । ମାନବ ଏକ ପ୍ରଜ୍ଞାବିଶିଷ୍ଟ ପ୍ରାଣୀ । ତା ନିକଟରେ ଥିବା ଦେବୋପମ ଗୁଣ ତାକୁ ଇତର ପ୍ରାଣୀ ମାନଙ୍କ ଠାରୁ ପୃଥକ କରିଥାଏ । ଶାରୀରିକ ବିକାଶ ସହିତ ମାନସିକ ଓ ଆତ୍ମିକ ବିକାଶ ସାଧନ ଏ ପ୍ରକାର ଶିକ୍ଷାର ମୁଖ୍ୟ ଲକ୍ଷ ହେବା ବିଧେୟ ।

ମାନବ ଶିଶୁ ପରିବାରର ରୁ ଆରମ୍ଭ କରେ ବିଦ୍ୟାଳୟ ,ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ, ପ୍ରଭୃତି ବିଭିନ୍ନ ସ୍ତରରେ ସାଧରଣ ଶିକ୍ଷାଲାଭ କରିବାର ସୁଯୋଗ ପାଇଁଥାଏ । ଏହି ଶିକ୍ଷା ବଳରେ ସେ ବିଭିନ୍ନ ବିଷୟରେ ବିଦ୍ୟାର୍ଜନ କରିବା ସଙ୍ଗେ କୌଣସି ଧନ୍ଦା ବା ବୃତ୍ତି ଅବଲମ୍ବନ କରିବା ପାଇଁ ଶିକ୍ଷା ବା ତାଲିମ ପାଇଥାଏ ।ଏହା ତାର ଅର୍ଥନୈତିକ ସ୍ୱଚ୍ଛଳତା ବୃଦ୍ଧି କରେ । ଏହା ସାଧାରଣତଃ ଆତ୍ମିକ ବିକାଶରେ ବିଶେଷ ଭାବରେ

ସାହାଯ୍ୟ କରିପାରେ ନାହିଁ । ତେଣୁ ନୈତିକ ଶିକ୍ଷାର ଆବଶ୍ୟକତା ଉପଲବ୍ଧ ହୁଏ । ନୈତିକ ଶିକ୍ଷା ଚାରିତ୍ରିକ ସଂଶୋଧନରେ ସହାୟକ ହୋଇଥାଏ । ଚରିତ୍ରହୀନ ମାନବ ସର୍ବଦା ଅପମାନିତ ହୁଏ । ନୈତିକ ଶିକ୍ଷା ଚରିତ୍ର ଗଠନ କରିବା ସଙ୍ଗେ ସଙ୍ଗେ ଆଦର୍ଶ ମାନବ ସୃଷ୍ଟି କରିବାରେ ସାହାଯ୍ୟ କରେ । ଏହା ଶରୀର ଓ ମନର ଯୁଗପତ ସମୁନ୍ନତି ସାଧନ କରେ । ନୈତିକ ଶିକ୍ଷା ଆତ୍ମିକ ବିକାଶ ସାଧନ କରି ଅତିମାନବିକତା ଆଡକୁ ପଥ ନିର୍ଦ୍ଦେଶ କରେ ।

ଆଜିର ପୃଥିବୀ ସଙ୍କଟମୟ ପରିସ୍ଥିତିର ସମ୍ମୁଖୀନ I ଅସନ୍ତୋଷ ଓ ଅଶାନ୍ତିର ମାତ୍ରା ବଢି ଚାଲିଛି I ସର୍ବତ୍ର ଦେଖାଦେଇଛି ଅସ୍ଥିରତା I ଯୁବକ ଆଜି ଉଦଭ୍ରାନ୍ତ ଏବଂ ଗତି ତାର ଉଦେଶ୍ୟହୀନ I ବୃଦ୍ଧି ପାଇଛି ଅଧର୍ମ I ଯୌତୁକ ବ୍ୟାଧି ନାରୀନିର୍ଯ୍ୟାତନାର ମୂଳ କାରଣ ହୋଇ ପାରିବାରିକ ଜୀବନକୁ ନାରଖାର କରିଦେଲାଣି I ରାଷ୍ଟ୍ର ସମ୍ପ୍ରତି ନାନା ସମସ୍ୟାର ସମ୍ମୁଖୀନ I ସ୍ୱାର୍ଥପରତା ମାନବଜୀବନକୁ ଗ୍ରାସ କରିଛି I ଦେଶପ୍ରେମ ଓ ଜାତିପ୍ରୀତିର ଅଭାବ ପରିଲକ୍ଷିତ ହେଉଛି I

ଆଧ୍ୟାତ୍ମିକ ଜୀବନ ନିର୍ବାହ ପାଇଁ ଅଧିକାଂଶ ବ୍ୟକ୍ତି ଇଚ୍ଛା ପ୍ରକାଶ କରୁନାହାନ୍ତି I ଅଧୁନା ସମାଜ ପତନୋନ୍ମୁଖୀ I ସାମ୍ପ୍ରତିକ ପରିସ୍ଥିତିରେ ନୈତିକ ଶିକ୍ଷାର ଆବଶ୍ୟକତା ଅପରିହାର୍ଯ୍ୟ I

(i) ଶିକ୍ଷା କାହିଁକି ଆବଶ୍ୟକ ଏବଂ ନୈତିକ ଶିକ୍ଷା ମାନବ ଜୀବନ ପାଇଁ କାହିଁକି ଅତି ଆବଶ୍ୟକ ? **[3]**

(ii) ବର୍ତ୍ତମାନର ସମାଜ ପତନ ଆଡକୁ ଗତି କରିବାର କାରଣ କଣ ? **[3]**

(iii) ମାନବ କିପରି ପ୍ରକୃଷ୍ଟ ଜ୍ଞାନ ଅର୍ଜନ କରେ ଏବଂ ସେ କିପରି ଇତର ପ୍ରାଣୀ ମାନଙ୍କଠାରୁ ପୃଥକ ହୋଇ ଥାଏ ? **[3]**

(iv) **ଉପଯୁକ୍ତ ଉତ୍ତର ବାଛି ଲେଖ**

(a) ସତ୍ୟ, ଶିବ ଓ ସୁନ୍ଦର ଉପାସକ ହେବାକୁ କେଉଁ ଶିକ୍ଷା ପ୍ରେରଣା ଦେଇଥାଏ ? **[1]**

(1) ଲୌକିକ ଶିକ୍ଷା

(2) ମୌଳିକ ଶିକ୍ଷା

(3) ନୈତିକ ଶିକ୍ଷା

(4) ସାଧାରଣ ଶିକ୍ଷା

(b) ମାନବ କେବେ ଠାରୁ ବିଭିନ୍ନ ବିଷୟରେ ଶିକ୍ଷାଲାଭ ପାଇଁ ଉତ୍ସାହ ପାଇଥାଏ ? [1]

(1) ଶୈଶବରୁ

(2) କୈଶୋରରୁ

(3) ପୌଢ଼ରୁ

(4) ଏଥିରୁ କୌଣସିଟି ନୁହେଁ

(c) କେଉଁ ଶିକ୍ଷା ଜୀବନକୁ ମାର୍ଜିତ କରେ ? [1]

(1) ଲୌକିକ ଶିକ୍ଷା

(2) ମୌଳିକ ଶିକ୍ଷା

(3) ନୈତିକ ଶିକ୍ଷା

(4) ସାଧାରଣ ଶିକ୍ଷା

(v) **ଉପଯୁକ୍ତ ଉତ୍ତର ବାଛି ଲେଖ**

(a) ମାନବ କେଉଁ ଶିକ୍ଷାଦ୍ୱାରା ବୈଷୟିକ ଶିକ୍ଷା ଲାଭ କରି ଥାଏ ? [1]

(1) ଲୌକିକ ଶିକ୍ଷା

(2) ମୌଳିକ ଶିକ୍ଷା

(3) ନୈତିକ ଶିକ୍ଷା

(4) ସାଧାରଣ ଶିକ୍ଷା

(b) ମାନବ ଜୀବନକୁ କିଏ ଗ୍ରାସ କରିଛି ? **[1]**

(1) ଅଧର୍ମ

(2) ଅସନ୍ତୋଷ

(3) ଯୌତୁକବ୍ୟାଧି

(4) ରୋଗବ୍ୟାଧି

(c) ମାନବ ଶିଶୁ କେଉଁଠାରୁ ସାଧାରଣ ଶିକ୍ଷା ଆରମ୍ଭ କରେ ? **[1]**

(1) ବିଦ୍ୟାଳୟ

(2) ପରିବାର

(3) ମହା ବିଦ୍ୟାଳୟ

(4) ବିଶ୍ୱ ବିଦ୍ୟାଳୟ

**Question 3**

**(A) Correct the following sentences and rewrite as per the instructions given:**

**ନିର୍ଦ୍ଦେଶ ଅନୁସାରେ ନିମ୍ନଲିଖିତ ପ୍ରଶ୍ନଗୁଡିକର ଉତ୍ତର ଦିଅ I**

(i) ନିମ୍ନଲିଖିତ ବାକ୍ୟକୁ ଶୁଦ୍ଧ ରୂପରେ ଲେଖ I **[1]**

ମୋର ବହୁତ ଦିନ ଗୁଡିକ ସେଠାରେ ଭଲରେ କଟିଗଲା

(ii) ଶୂନ୍ୟସ୍ଥାନରେ ଉପଯୁକ୍ତ ଶବ୍ଦ ଲେଖ I **[1]**

ମୋର ସମସ୍ତ ________________ ଧୂଳିସାତ୍ ହୋଇଗଲା I

(iii) ନିମ୍ନଲିଖିତ ବାକ୍ୟ ମଧ୍ୟରୁ ଶୁଦ୍ଧ ବାକ୍ୟକୁ ଚୟନ କର । [1]

(a) ବହୁ ଲୋକ ମାନେ ରୁଣ୍ଡ ହୋଇ ଥିଲେ ।

(b) ଅବାକ ବୃଦ୍ଧ ବନିତା ଗଣ ସଭାରେ ଉପସ୍ଥିତ ଥିଲେ ।

(c) ସବୁପିଲା ମନଖୁସିରେ ଆକଣ୍ଠ ଖାଇଲେ ।

(d) ଅନ୍ୟାନ୍ୟ ମାନେ ଆସିଲେ ତ ।

(iv) ଅବ୍ୟବସ୍ଥା ବାକ୍ୟଟିକୁ ସଜ୍ଜିତ ରୂପ ପ୍ରଦାନ କର । [1]

ଚହଟେ ଫୁଲ ବାସ ଥରେ ଫୁଟିଲେ ତାର

(v) ବାକ୍ୟଟିର ଅର୍ଥ ନବଦଳାଇ ରଖାଙ୍କିତ ଶବ୍ଦ ପାଇଁ ଭିନ୍ନ ଏକ ଶବ୍ଦ ଲେଖ । [1]

ସବୁକବି ପ୍ରକୃତି ବର୍ଣ୍ଣନାରେ **ସିଦ୍ଧହସ୍ତ** ନୁହନ୍ତି ।

(a) ପାରତ୍ରିକ

(b) ପରାକ୍ରମି

(c) ପଟାନ୍ତର

(d) ପାରଙ୍ଗମ

**(B) Use the Idioms in the sentences as per the instructions given:**

**ନିର୍ଦ୍ଦେଶଅନୁସାରେ ରୂଢି ଶବ୍ଦର ବ୍ୟବହାରକର ।**

(i) ନିର୍ଦ୍ଦେଶ ଅନୁସାରେ ରୂଢି ଶବ୍ଦର ବ୍ୟବହାର କର । [1]

ନିମ୍ନଲିଖିତ ରୂଢି ଶବ୍ଦକୁ ବାକ୍ୟରେ ବ୍ୟବହାର କର

ସମୁଦ୍ରକୁ ଶଙ୍ଖେ

(ii) ରୂଢି ଶବ୍ଦକୁ ଶୁଦ୍ଧ କରି ଲେଖ । [1]

ଆକାଶ ମାଛ କଇଁଆ ଚିଲିକା

(iii) ନିମ୍ନଲିଖିତ ବାକ୍ୟରେ ଥିବା ଶୂନ୍ୟସ୍ଥାନରେ ଉପଯୁକ୍ତ ରୂଢି ଶବ୍ଦ ଚୟନ କର । **[1]**

ସୁଦର୍ଶନ ବାବୁଙ୍କ ପୁଅ _______________ ପିଲା ।

(a) ମାଛି ପଡିଲେ ନବଖଣ୍ଡ

(b) ମାଛିକୁ ମ ' ନ କହିବା

(c) ମାଛ ତେଲ ରେ ମାଛ ଭାଜିବା

(d) ଛାଇ ନ ମାଡିବା

(iv) ନିମ୍ନଲିଖିତ ବାକ୍ୟ ପାଇଁ ଉପଯୁକ୍ତ ରୂଢି ଶବ୍ଦ ଚୟନ କର । **[1]**

ରାମବାବୁଙ୍କ ପୁଅ କଥା କୁହନା । ସେ ଅତି ଦୁଷ୍ଟ ପିଲା

(a) ଚାଲିଲା ଶଗଡ଼ରେ ହାତ ଦେବା

(b) ଚାଲିନ ଜାଣି ବାଟର ଦୋଷ

(c) ଛଇ ଦେଖାଇବା

(d) ଚାରିଦଉଡି କଟା

(v) ନିମ୍ନଲିଖିତ ରୂଢି ଶବ୍ଦ ପାଇଁ ଉପଯୁକ୍ତ ଅର୍ଥ ଲେଖ । **[1]**

ଅନ୍ଧ ରାଇଜରେ ଦର୍ପଣ ବିକା:

(a) ଖରାପ ସମୟ

(b) ଅନ୍ୟାୟ ବିଚାର

(c) ଲୋଭରୁ ମୃତ୍ୟୁ

(d) ଆପତ୍ତରେ ଦାନ

## SECTION B

## LITERATURE - 40 MARKS

*Answer **four** questions from this section on **any three** out of the four prescribed textbooks.*

ଚାରୋଟି ନିର୍ଦ୍ଦିଷ୍ଟ ପାଠ୍ୟପୁସ୍ତକ ମଧ୍ୟରୁ ଯେକ **three** ଣସି ତିନିଟି ଉପରେ ଏହି ବିଭାଗର ଚାରୋଟି ପ୍ରଶ୍ନର ଉତ୍ତର ଦିଅ |

## ପଲ୍ଲିଶ୍ରୀ (PALLISHREE)

**Question 4**

ଗ୍ରାମର ପଥ ଶେଷେ      ଶୋଇଛି ବର ବେଶେ
ଶିବ ଦେଉଳ
ବୃଷଭ ଆଗେ ଉଭା      ନୟନ କରେ ଲୋଭା
ଚମ୍ପା ବଉଳ

(i) କିଏ କେଉଁଠାରେ ଶୋଇଛି ବୋଲି କବି କହିଛନ୍ତି । **[1]**

(ii) ଶିବଙ୍କ ବାହନ କିଏ ? ସେ କେଉଁଠାରେ ରହିଥିଲା ? **[2]**

(iii) ନାରୀମାନେ ଜାଗର ଦୀପଜାଳି କଣ ସବୁ ମାନସୀ ଥିଲେ ସଂକ୍ଷେପରେ ଲେଖ ? **[2]**

(iv) ଶିବ -ପୂଜା କବିତାର ବିଶେଷତ୍ୱ ଉପସ୍ଥାପନା କର ? **[5]**

**Question 5** **[10]**

'ମାଲୁଣି ' କବିତାରୁ ମାଲୁଣିର ଚରିତ୍ର ଚିତ୍ରଣ କର ।

**Question 6** **[10]**

ଜଗନ୍ନାଥଙ୍କୁ (ଏକ ଜଣାଣ) କବିତାଟିରେ କବି ଯୁଗ ଯନ୍ତ୍ରଣାର ବର୍ଣ୍ଣନା କିପରି ଭାବରେ କରିଛନ୍ତି ଲେଖ ।

## ଗଳ୍ପ ବାରିଧି (GALPA BARIDHI)

**Question 7**

ଜମିଦାର ବାବୁ କଣ ଭାବୁଥିଲେ ସାହେବଙ୍କ ବାକ୍ୟ ଶେଷ ହେବାର ଦେଖି ହଠାତ ଚମକି ପଡି ଉତ୍ତର କଲେ, "Oh yes , it's a fine idea."

(i) ସାହେବ କିଏ ? ତାଙ୍କ ସହିତ ଶୀତ ଛୁଟି କଟାଇବାକୁ କିଏ ଆସିଥିଲେ ? **[1]**

(ii) ସାହେବଙ୍କ ଧାରଣା (idea) କଣ ଥିଲା ? **[2]**

(iii) ମାଧିଆ ଉପରେ ଜମିଦାର ବାବୁ କ୍ରୋଧିତ ହୋଇଥିଲେ କାହିଁକି ? **[2]**

(iv) ଜାଳି ପ୍ରତି ଜମିଦାର ବାବୁଙ୍କର ବିଶେଷ ମମତା ଜନ୍ମିବାର କାରଣ କଣ ? **[5]**

**Question 8** **[10]**

ଡ଼ିମିରିଫୁଲ ଗଳ୍ପଟିରେ କାହାକୁ ଓ କାହିଁକି ନିଷ୍ଠୁର ସୃଷ୍ଟିରେ ଦୁଇଟି ମନୁଷ୍ୟ ପିତୁଳା ବୋଲି କୁହାଯାଇଛି ? ଗଳ୍ପଟିର ନାମକରଣ ସାର୍ଥକତା ପ୍ରତି ପଦାନ କର ।

**Question 9** **[10]**

ନରେନ୍ଦ୍ର କିଏ ଏବଂ ନୟନପୁର ଏକ୍ସପ୍ରେସ୍ ରେ ମଞ୍ଜୁ ଆସୁଥିବାର ଜାଣି ସେ ପାଗଳପରି ହେଲା କାହିଁକି?

# ଦିଗ ଦର୍ଶକ (DIG DARSAK)

**Question 10**

ଫ୍ରାନସ ମିଲାନ ଆକ୍ରମଣ କରିବାକୁ ସେ କିଛି ଦିନ ଦେଶ ଦେଶାନ୍ତର ଘୂରି
ଘୂରି ପୁଣି ମିଳନ ଫେରି ଆସିଲେ । ସେତିକି ବେଳେ ଏକ ଭଦ୍ର ମହିଳାଙ୍କର ପ୍ରତିକୃତି ଅଙ୍କନ କରିବାକୁ ତାଙ୍କୁ ବରାଦ ମିଳିଲା

(i) ଲିଓନାର୍ଡୋ ଦାଭିନସିଙ୍କ ସର୍ବଶ୍ରେଷ୍ଠ କଳାକୃତି କେଉଁ ନାମରେ ବିଶ୍ୱସାରା ପରିଚିତ ହୋଇଥିଲା ? **[1]**

(ii) ଲିଓନାର୍ଡୋଙ୍କ ସର୍ବଶ୍ରେଷ୍ଠ କଳାକୃତି ଦର୍ଶକ ତଥା ସମାଲୋଚକଙ୍କୁ କାହିଁକି ବିସ୍ମିତ ତଥା ବିଭ୍ରାନ୍ତ କରିଛି ? **[2]**

(iii) ଚିତ୍ରଟିକୁ ଲିଓନାର୍ଡୋ କଣ କଲେ ? **[2]**

(iv) ଲିଓନାର୍ଡୋଙ୍କ ସର୍ବଶ୍ରେଷ୍ଠ କଳାକୃତି ସମ୍ପୂର୍ଣ ହେବ ପାଇଁ କେତେ ବର୍ଷ ଲାଗିଥିଲା ଏବଂ ଏବେ ତାହା କେଉଁଠାରେ ରହିଛି ? **[5]**

**Question 11** **[10]**

ଶଙ୍କରଙ୍କ ଜୀବନକୁ କେନ୍ଦ୍ର କରି ଗଢି ଉଠିଥିବା କିମ୍ବଦନ୍ତୀ ଓ ଦୁଇଟି ଅଲୌକିକ ଘଟଣା ଅବତାରଣ କର?

**Question 12** **[10]**

ସକ୍ରେଟିସଙ୍କ ବିରୁଦ୍ଧରେ କେଉଁ ଅଭିଯୋଗ ଅଣାଯାଇଥିଲା ? ବିଚାରରେ ତାଙ୍କୁ କେଉଁ ଦଣ୍ଡ ମିଳି ଥିଲା ?

## ଛ' ମାଣ ଆଠ ଗୁଣ୍ଠ (CHHA MANA ATHAGUNTHA)

**Question 13**

ଚମ୍ପାର ଅବଜ୍ଞା ସୂଚକ ହୁଁ ଶବ୍ଦ ସାଆନ୍ତାଣୀଙ୍କ କାଳିଜାରେ ବର୍ଚ୍ଛା ପରି ବାଜି ଥିଲା ତାହାବାଦ " ଆଚ୍ଛା ତୁମେ ବାହାରକୁ ଯାଅ ,କଥାଟା ତାଲୁରେ ସହସ୍ର ବିଚ୍ଛା କାମୁଡ଼ିଲା ପରି ଜଣାଗଲା "

(i) "ଆଚ୍ଛା ତୁମେ ବାହାରକୁ ଯାଅ"- ଏ ଉକ୍ତିଟି କିଏ କାହାକୁ କହିଥିଲେ ? **[1]**

(ii) ଚମ୍ପା ସହିତ କିଏ ବସିକି ମନ୍ତ୍ରଣା କରୁଥିଲା ? **[2]**

(iii) ସତୀ ସ୍ତ୍ରୀ ମାନଙ୍କ ପକ୍ଷରେ କଣ ଅସହ୍ୟ ଓ କଷ୍ଟ ଦାୟକ ହୋଇଥାଏ ? **[2]**

(iv) ସେହି ଦିନର ଅପମାନ ପରେ ସାଆନ୍ତାଣୀଙ୍କ ମାନସିକ କିପରି ଥିଲା ? **[5]**

**Question 14** **[10]**

'ଛ ମାଣ ଆଠ ଗୁଣ୍ଠ' ଉପନ୍ୟାସର ନାମକରଣ ସାର୍ଥକତା ପ୍ରତିପାଦନ କର ?

**Question 15** **[10]**

ଅଧର୍ମବିତ୍ତ ବଢେ ବହୁତ ଗଲା ବେଳେ ଯାଏ ମୂଳ ସହିତ - ପଠିତ ଛ ମାଣ ଆଠ ଗୁଣ୍ଠ ଉପନ୍ୟାସର ଅବଲମ୍ବନରେ ଆଲୋଚନା କର ।